ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR (OD)/CS-GA-52-10/4/21**





## ମୁଖ୍ୟ ଶାସନ ସଚିବଙ୍କର କଳାହାଣ୍ଡି ଜିଲ୍ଲା ଗସ୍ତ ଓ କୋଭିଡ୍ ପରିଚାଳନା ସମୀକ୍ଷା

## ଜିଲ୍ଲାକୁ ଖୁବ୍ ଶିଘ୍ର ବିଶେଷଜ୍ଞ ଡ଼ାକ୍ତର ଏବଂ ଆଧୂନିକ ଆମ୍ବୁଲାନ୍ସ ଯୋଗାଇ ଦିଆଯିବ

ଭବାନୀପାଟଣା, ୧୦/୦୪/୨୧

ସୀମାବର୍ତ୍ତୀ ଜିଲ୍ଲାମାନଙ୍କରେ କୋଭିଡ୍ ସଂକ୍ରମଣର ନିୟନ୍ତ୍ରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଦେଇଥିବା ନିର୍ଦ୍ଦେଶକ୍ରମେ ଆଜି ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ର କଳାହାଣ୍ଡି ଜିଲ୍ଲାଗସ୍ତ କରି କୋଭିଡ୍ ସ୍ଥିତିର ସମୀକ୍ଷା କରିଛନ୍ତି ।

ପ୍ରଥମେ ମୁଖ୍ୟ ଶାସନ ସଚିବ ଭବାନୀପାଟଣା ସ୍ଥିତ କୋଭିଡ୍ ହସ୍ପିଟାଲ୍ ଯାଇ ସେଠାରେ ଉପଲବ୍ଧ ବେଡ୍, ଆଇ.ସି.ୟୁ., ଔଷଧ ଓ ଅନ୍ୟାନ୍ୟ ଚିକିତ୍ସା ସୁବିଧା ବିଷୟ ଅନୁଧ୍ୟାନ କରିଥିଲେ ।

ପରେପରେ ସ୍ଥାନୀୟ ନର୍ସିଂ ସ୍କୁଲ ସଭାକକ୍ଷରେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଜିଲ୍ଲାପାଳ ଡ଼ଃ ଗାଭାଲି ପରାଗ୍ ହର୍ଷଦ୍ ଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ଆଲୋଚନା କରି କୋଭିଡ୍ ସଂକ୍ରମଣ ରୋକିବା କ୍ଷେତ୍ରରେ ନିଆଯାଇଥଇବା ପଦକ୍ଷେପ ଗୁଡିକର ସମୀକ୍ଷା କରିଥିଲେ । କୋଭିଡ୍ ପ୍ରତିରୋଧ ଅଭିଯାନକୁ ଅଧିକ ଶାଣିତ କରିବା ନିମନ୍ତେ ଜିଲ୍ଲାରେ ଆବଶ୍ୟକ ପଡୁଥିବା ଭିତ୍ତିଭୂମି ଓ ସମ୍ବଳର ମଧ୍ୟ ଆକଳନ କରାଯାଇଥିଲା ।

ବୈଠକ ଶେଷରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରଦେଇ ଶ୍ରୀ ମହାପାତ୍ର କହିଥିଲେ ଯେ ବର୍ତ୍ତମାନ ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲାରେ ସ୍ଥିତି ନିୟନ୍ତ୍ରଣାଧିନ ଅଛି । ଅନ୍ୟ ରାଜ୍ୟରୁ ଆସୁଥିବା ଲୋକ ଓ ପ୍ରବାସୀମାନଙ୍କର ଏକାନ୍ତବାସ, ଅଧିକରୁ ଅଧିକ କରୋନା ପରୀକ୍ଷା, ହସ୍ପିଟାଲ୍ ରେ ଆଇ.ସି.ୟୁ ସଂଙ୍ଖ୍ୟା ବୃଦ୍ଧି, କୋଭିଡ୍ କେୟାର ସେଣ୍ଟର ଗୁଡିକୁ କାର୍ଯ୍ୟକ୍ଷମ କରିବା ଆଦିକୁ ତ୍ୱରାନ୍ୱିତ କରାଯିବ । ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ସହ ନିୟମ ପ୍ରବର୍ତ୍ତନକୁ ମଧ୍ୟ କଡ଼ାକଡ଼ି କରାଯିବ । ଖୁବ୍ ଶିଘ୍ର କଳାହାଣ୍ଡି ଜିଲ୍ଲାରେ ବିଶେଷଜ୍ଞ ଡ଼ାକ୍ତର ଯୋଗଦେବେ ଏବଂ ଜିଲ୍ଲାକୁ ଏକ ଆଧୁନିକ ଲାଇଫ୍-ସପୋର୍ଟ ଆମ୍ବୁଲାନ୍ସ ଯୋଗାଇ ଦିଆଯିବ ବୋଲି ମଧ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ୍ତ କୁମାର ମହାପାତ୍ର, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ଼ାକ୍ତର ବିଜୟ ମହାପାତ୍ର, ସ୍ୱାସ୍ଥ୍ୟ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଡ଼ାକ୍ତର ସି.ବି.କେ ମହାନ୍ତି ଏହି ଗସ୍ତ ସମୟରେ ଉପସ୍ଥିତ ରହି ଆବଶ୍ୟକୀୟ ତଥ୍ୟ ଓ ସୂଚନା ଦେଇଥିଲେ । କଳାହାଣ୍ଡିର ଜିଲ୍ଲାପାଳ ଡ଼ଃ ଗାଭାଲି ପରାଗ୍ ହର୍ଷଦ୍, ଏସ୍.ପି. ଡ଼ଃ ଶ୍ରବଣ ବିବେକ୍ ଏମ୍, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ାକ୍ତର ପ୍ରତାପ ବେହେରା, ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ାକ୍ତର ରାକେଶ ସାହୁଙ୍କ ସମେତ ସଂପୃକ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ କ୍ଷେତ୍ରସ୍ତରୀୟ ସ୍ଥିତି ଓ ପ୍ରସ୍ତୁତି ବିଷୟରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ ।

ମନୋଜ କୁମାର ବେହେରା
ଜିଲ୍ଲା ସୂଚନା ଓ ଲୋକ ସଂପର୍କ
ଅଧିକାରୀ, କଳାହାଣ୍ଡି

ଉମାକାନ୍ତ ମହାପାତ୍ର,
ସୂଚନା ଅଧିକାରୀ, ମୁଖ୍ୟ ଶାସନ ସଚିବ